**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ**

**ସି. ଆର୍. ଏ. ସଂଖ୍ୟା 117 /1992**

ଏହା Cr.P.C ର ଧାରା 374 (2) ଅନୁଯାୟୀ ଏକ ଆବେଦନ, ଯାହା ବିଜ୍ଞ ସ୍ୱତନ୍ତ୍ର ବିଚାରପତି ତଥା ଦୌରା ବିଚାରପତି , ବଲାଙ୍ଗିରଙ୍କ ଦ୍ୱାରା ଜି. ଆର୍. ମାମଲା ସଂଖ୍ୟା 493/1990 ରେ 11 ମାର୍ଚ୍ଚ, 1992 ରେ ପାରିତ ହୋଇଥିବା ଦୋଷୀ ସାବ୍ୟସ୍ତକରଣ ଏବଂ ଦଣ୍ଡାଦେଶର ଆଦେଶ ବିରୁଦ୍ଧରେ ଆବେଦନକାରୀଙ୍କ ଦ୍ୱାରା ଆଗତ କରାଯାଇଛି ।

*ଭାଟକୁଡୁ ଓରଫ ଭାଟ୍ କୁଡୁ ସେଠ* ..... *ଆବେଦନକାରୀ*

*-ବନାମ -*

*ଓଡ଼ିଶା ରାଜ୍ୟ* ..... *ପ୍ରତିବାଦୀ*

**ଏହି ମାମଲାରେ ସଂଯୁକ୍ତ ପ୍ରଣାଳୀ ମାଧ୍ୟମରେ ହାଜର ହୋଇଥିଲେ**

**(ଆଭାସୀ /ଭୌତିକ ମାଧ୍ୟମ):**

***ଆବେଦନକାରୀଙ୍କ ପାଇଁ -*** ଶ୍ରୀଯୁକ୍ତ ଏ.କେ. ନନ୍ଦ,
ଅଧିବକ୍ତା

***ପ୍ରତିବାଦୀଙ୍କ ପାଇଁ*** - ଶ୍ରୀଯୁକ୍ତ ଟି. କେ. ପ୍ରହରାଜ,
ସ୍ଥାୟୀ ଅଧିବକ୍ତା

HIGH COURT ORISSA सत्यमेव जयते

**ପୀଠାସୀନ :**

**ନ୍ୟାୟମୂର୍ତ୍ତି ଶ୍ରୀଯୁକ୍ତ ଏ. ସି. ବେହେରା**

**ଶୁଣାଣିର ତାରିଖ : 25.09.2023 :: ରାୟର ତାରିଖ : 13.10.2023**

**ଏ. ସି. ବେହେରା, ନ୍ୟାୟମୂର୍ତ୍ତି** ବିଜ୍ଞ ସ୍ୱତନ୍ତ୍ର ବିଚାରପତି ତଥା ଦୌରା ବିଚାରପତି, ବଲାଙ୍ଗିରଙ୍କ ଦ୍ୱାରା ଜି. ଆର୍. ମାମଲା ସଂଖ୍ୟା 493/1990 ରେ ମାର୍ଚ୍ଚ 11, 1992 ତାରିଖରେ ପାରିତ ରାୟ ଯାହା ଦ୍ୱାରା ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଥିଲେ ଏବଂ ସେଥିରେ ହୋଇଥିବା ଦଣ୍ଡାଦେଶ ବିରୁଦ୍ଧରେ ଆବେଦନକାରୀ ଏହି ଫୌଜଦାରୀ ଆବେଦନକୁ ଆଗତ କରିଥିଲେ, ଯେଉଁଥିରେ ଆବେଦନକାରୀଙ୍କୁ ଅତ୍ୟାବଶ୍ୟକ ଦ୍ରବ୍ୟ ଅଧିନିୟମ, 1955 ର ଧାରା 7 ଅନୁଯାୟୀ ଦୋଷୀ ସାବ୍ୟସ୍ତ କରାଯାଇଥିଲା ଏବଂ ତାଙ୍କୁ ତିନି ମାସ ପାଇଁ ସଶ୍ରମ କାରାଦଣ୍ଡାଦେଶ ଦିଆଯାଇଥିଲା ।

2. ସଂକ୍ଷିପ୍ତରେ ଅଭିଯୋଗ ପକ୍ଷର ମାମଲା ଏହା ଥିଲା ଯେ, 07.10.1990 ରେ, ଆବେଦନକାରୀ/ଅଭିଯୁକ୍ତ କୌଣସି ଅଧିକୃତ ଅନୁମତି ବିନା ଦୁଇଟି ଡବାରେ 39 ଲିଟର କିରୋସିନ୍ ଭର୍ତ୍ତି କରି ତାଙ୍କ ସାଇକେଲରେ ନେବାର ଦେଖିବାକୁ ମିଳିଥିଲା । ତେଣୁ, ଓଡ଼ିଶା କିରୋସିନ୍ ନିୟନ୍ତ୍ରଣ ଆଦେଶ, 1962 ର ବ୍ୟବସ୍ଥାଗୁଡ଼ିକର ଉଲ୍ଲଂଘନ ପାଇଁ ଅତ୍ୟାବଶ୍ୟକ ଦ୍ରବ୍ୟ ଅଧିନିୟମ, 1955 ର ଧାରା 7 ଅନୁଯାୟୀ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା ।

3. ଅଭିଯୋଗକୁ ପ୍ରତିବାଦୀ ସମ୍ପୂର୍ଣ୍ଣ ଅସ୍ୱୀକାର କରିଥିଲେ ଏବଂ ତାଙ୍କୁ ମିଥ୍ୟାରେ ସମ୍ପୃକ୍ତି କରାଯାଇଛି ବୋଲି ପ୍ରତି-ଅଭିଯୋଗ କରିଥିଲେ ।

4. ଆବେଦନକାରୀ/ଅଭିଯୁକ୍ତଙ୍କ ବିରୋଧରେ ଉପରୋକ୍ତ ଅଭିଯୋଗର ଯଥାର୍ଥତା ପ୍ରତିପାଦନ କରିବା ପାଇଁ, ଅଭିଯୋଗ ପକ୍ଷ ତିନି ଜଣ ସାକ୍ଷୀଙ୍କୁ ଯଥା ପି. ଡବ୍ଲ୍ୟୁ. 1, 2 ଏବଂ 3 ଙ୍କର ସାକ୍ଷ୍ୟ ପ୍ରଦାନ କରିଥିଲେ, କିନ୍ତୁ ପ୍ରତିବାଦୀଙ୍କ ତରଫରୁ ସାକ୍ଷୀ ହିସାବରେ ଉପସ୍ଥାପିତ କରାଯାଇ ନଥିଲା ।

5. ମୁଁ ଆବେଦନକାରୀଙ୍କ ପାଇଁ ବିଦ୍ୱାନ ଅଧିବକ୍ତା ଶ୍ରୀଯୁକ୍ତ ନନ୍ଦ ଏବଂ ରାଜ୍ୟ ପାଇଁ ବିଦ୍ୱାନ ସ୍ଥାୟୀ ଅଧିବକ୍ତା ଶ୍ରୀଯୁକ୍ତ ପ୍ରହରାଜଙ୍କ କଥା ଶୁଣିଲି ।

6. ବିଚାର କରୁଥିବା ବିଜ୍ଞ ନ୍ୟାୟାଳୟ ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ, 1955 ର ଧାରା 7 ଅନୁଯାୟୀ ଆବେଦନକାରୀ/ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇଛନ୍ତି, ଆକ୍ଷେପିତ ରାୟର ଅନୁଚ୍ଛେଦ ସଂଖ୍ୟା 4 ରେ କାରଣଗୁଡିକ ପ୍ରଦାନ କରି କହିଛନ୍ତି ଯେ, "ଓଡ଼ିଶା କିରୋସିନ ନିୟନ୍ତ୍ରଣ ଆଦେଶ ସହିତ ସରକାରୀ ଅଧିସୂଚନା S.R.O.264/82 ତା 19.04.1982 ରିଖରେ ଅନୁଧ୍ୟାନ କରାଯାଇଛି ଯେ, ପ୍ରାଧିକାର ବିନା କୌଣସି ବ୍ୟକ୍ତି ଏକକାଳୀନ ଦଶ ଲିଟରରୁ ଅଧିକ ପରିମାଣର କିରୋସିନ ଗଚ୍ଛିତ ରଖିପାରିବେ ନାହିଁ କିମ୍ବା ନିଜ ପାଖରେ ରଖିପାରିବେ ନାହିଁ, ଏହିପରି, କୋଡ଼ିଏ ଲିଟରରୁ ଅଧିକ କିରୋସିନ ରଖି ଉକ୍ତ ଆଦେଶକୁ ଉଲଘଂନ କରିଥିବାରୁ ଅଭିଯୁକ୍ତ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ତେଣୁ, ସେ କିରୋସିନ୍ ନିୟନ୍ତ୍ରଣ ଆଦେଶ ଅଧୀନରେ ଉତ୍ତରଦାୟୀ ଅଟନ୍ତି । ଯେଉଁଥିପାଇଁ, ସେ (ଅଭିଯୁକ୍ତ), ଉପରେ ଦର୍ଶାଯାଇଥିବା ପରି, ଅତ୍ୟାବଶ୍ୟକ ଦ୍ରବ୍ୟ ଅଧିନିୟମ, 1955 ର ଧାରା 7 ଅନୁଯାୟୀ ଦୋଷୀ ସାବ୍ୟସ୍ତ ହୋଇଛନ୍ତି ଏବଂ ତାଙ୍କ ବିରୋଧରେ ଦଣ୍ଡାଦେଶର ଆଦେଶ ପାରିତ ହୋଇଛି" ।

7. କୌଣସି ସାକ୍ଷୀଙ୍କ ମାଧ୍ୟମରେ କିମ୍ବା ବିଚାର କରୁଥିବା ନ୍ୟାୟାଳୟ ସମ୍ମୁଖରେ କୌଣସି ଦସ୍ତାବିଜ ମାଧ୍ୟମରେ ଅଭିଯୋଗ ପକ୍ଷ ତରଫରୁ କୌଣସି ପ୍ରମାଣ ଦିଆଯାଇ ନାହିଁ ଯେ ଅଭିଯୁକ୍ତ ଜଣେ ବ୍ୟବସାୟୀ ଥିଲେ କିମ୍ବା ସେ

କିରୋସିନ ବ୍ୟବସାୟ କରୁଥିଲେ, ଯାହା ଜଣେ ଅଭିଯୁକ୍ତଙ୍କ ବିରୋଧରେ କିରୋସିନ ନିୟନ୍ତ୍ରଣ ଆଦେଶର ବ୍ୟବସ୍ଥା ଆକର୍ଷିତ କରିବା ନିମନ୍ତେ ଅପରିହାର୍ଯ୍ୟ ସର୍ତ୍ତ ଅଟେ ।

୮. ଏହି ଦିଗ ଉପରେ, ନିମ୍ନଲିଖିତ ସମାନ ପ୍ରକୃତିର ମାମଲାରେ ନିଷ୍ପତ୍ତିର ଅନୁପାତ ଅନୁଯାୟୀ ଆଇନର ସ୍ଥିତି ଅତ୍ୟନ୍ତ ସ୍ୱଷ୍ଟ:-

*62 (1986) CLT-656-ଗୋବିନ୍ଦ ପ୍ରସାଦ ଜୟସୱାଲ ବନାମ ଓଡ଼ିଶା ରାଜ୍ୟ*
*1994 (II) OLR 301 (D.B.) - ପୁଷ୍ପ ରଞ୍ଜନ ପଟେଲ ବନାମ ରାଜ୍ୟ*
*2002 (II) OLR 389: (2003) 24 OCR-351-ବୈରାଗୀ ସାହୁ ବନାମ ଓଡ଼ିଶା ରାଜ୍ୟ*
*2005 (ii) OLR 775: (2006) 34 OCR-155-ମସାଦ୍ ବେଗ୍ ବନାମ ରାଜ୍ୟ,* ଯେ -
**ଅତ୍ୟାବଶ୍ୟକ ସାମଗ୍ରୀ ଅଧିନିୟମ, 1955-ଧାରା 7 (1) ସହିତ ଓଡ଼ିଶା କିରୋସିନ୍ ନିୟନ୍ତ୍ରଣ ଆଦେଶ 1962-ଦଣ୍ଡବିଧାନ-ଆବେଦନ -**

"ଅଭିଯୁକ୍ତ ବ୍ୟବସାୟୀ ଥିଲେ କିମ୍ବା ସେ କିରୋସିନର ବ୍ୟବସାୟ କରୁଥିଲେ ବୋଲି କୌଣସି ପ୍ରମାଣର ଅନୁପସ୍ଥିତିରେ, ସେ କେବଳ ଉପଭୋକ୍ତା ବୋଲି କୁହାଯାଇପାରିବ ଏବଂ ଏହାଠାରୁ ଅଧିକ ନୁହେଁ । ଏହା କୁହାଯାଇପାରିବ ନାହିଁ ଯେ ଆବେଦନକାରୀ ଓଡ଼ିଶା କିରୋସିନ୍ ନିୟନ୍ତ୍ରଣ ଆଦେଶର ବ୍ୟବସ୍ଥାଗୁଡ଼ିକୁ ଉଲ୍ଲଂଘନ କରିଛନ୍ତି । ତେଣୁ, ସେ ଇ. ସି. ଅଧିନିୟମ, 1955 ର ଧାରା 7 ଅନୁଯାୟୀ ଦୋଷୀ ସାବ୍ୟସ୍ତ ହେବା ପାଇଁ ଦାୟୀ ନଥିଲେ" ।

୨. ଅଧୁନା ମାମଲାରେ, ଅଭିଯୋଗ ପକ୍ଷର ତିନିଜଣ ସାକ୍ଷୀଙ୍କ ମଧ୍ୟରୁ କେହି ନିଜ ନିଜ ସାକ୍ଷ୍ୟରେ ଗୋଟିଏ ଶବ୍ଦ ମଧ୍ୟ କହି ନାହାଁନ୍ତି ଯେ, ଆବେଦନକାରୀ/ଅଭିଯୁକ୍ତ କିରୋସିନର ବ୍ୟବସାୟୀ ଥିଲେ କିମ୍ବା ସେ କିରୋସିନର ବ୍ୟବସାୟ କରୁଥିଲେ ।

10. ତେଣୁ, ଆବେଦନକାରୀ ଜଣେ ବ୍ୟବସାୟୀ ଥିଲେ କିମ୍ବା ସେ କିରୋସିନର ବ୍ୟବସାୟ କରୁଥିଲେ ବୋଲି କୌଣସି ପ୍ରମାଣର ଅନୁପସ୍ଥିତିରେ, ସେ (ଆବେଦନକାରୀ) କେବଳ କିରୋସିନର ଉପଭୋକ୍ତା ବୋଲି କୁହାଯାଇପାରିବ ଏବଂ ଏହାଠାରୁ ଅଧିକ ନୁହେଁ । ଯେଉଁଥିପାଇଁ, ଏହା ଦର୍ଶାଯାଇପାରିବ ନାହିଁ ଯେ, ଆବେଦନକାରୀ ଓଡ଼ିଶା କିରୋସିନ ନିୟନ୍ତ୍ରଣ ଆଦେଶ 1962ର ବ୍ୟବସ୍ଥାଗୁଡ଼ିକୁ ଉଲ୍ଲଙ୍ଘନ କରିଛନ୍ତି । ତେଣୁ, ସେ (ଆବେଦନକାରୀ) ଅତ୍ୟାବଶ୍ୟକ ଦ୍ରବ୍ୟ ଅଧିନିୟମ, 1955 ର ଧାରା 7 ଅନୁଯାୟୀ ବିଚାର କରୁଥିବା ବିଜ୍ଞ ନ୍ୟାୟାଳୟ ଦ୍ୱାରା ଦୋଷୀ ସାବ୍ୟସ୍ତ ହେବା ଉଚିତ ନୁହେଁ ।

11. ବିବୃତିରେ ଥିବା ତଥ୍ୟ ଆଧାରରେ ଉପରୋକ୍ତ ନିଷ୍ପତ୍ତି ଏବଂ ପର୍ଯ୍ୟବେକ୍ଷଣ ଅନୁଯାୟୀ, ଆବେଦନକାରୀ ବିରୋଧରେ ବିଚାର କରୁଥିବା ବିଜ୍ଞ ନିମ୍ନ ନ୍ୟାୟାଳୟ ଦ୍ୱାରା ପାରିତ ଦୋଷୀ ସାବ୍ୟସ୍ତକରଣ ଏବଂ ଦଣ୍ଡାଦେଶର

ଆଦେଶର ଆକ୍ଷେପିତ ରାୟ, ଆଇନ ଅନୁଯାୟୀ ଗ୍ରହଣୀୟ ହୋଇପାରିବ ନାହିଁ । ସେଗୁଡ଼ିକ ରଦ୍ଦ କରିବା ଉଚିତ । ଆବେଦନକାରୀଙ୍କ ଆବେଦନରେ ଯୋଗ୍ୟତା ରହିଛି, ଯେଉଁଥିପାଇଁ ତାହାକୁ ଅନୁମତି ଦିଆଯିବ ।

12. ଫଳସ୍ୱରୂପ, ଆବେଦନକାରୀଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆବେଦନକୁ ଅନୁମତି ଦିଆଗଲା । ବିଜ୍ଞ ସ୍ୱତନ୍ତ୍ର ବିଚାରପତି ତଥା ଦୌରା ବିଚାରପତି, ବଲାଙ୍ଗିରଙ୍କ ଦ୍ୱାରା ଜି. ଆର୍. ମାମଲା ସଂଖ୍ୟା 493/1990 ରେ ଆବେଦନକାରୀଙ୍କ ବିରୋଧରେ ମାର୍ଚ୍ଚ 11, 1992 ରେ ଅତ୍ୟାବଶ୍ୟକ ଦ୍ରବ୍ୟ ଅଧିନିୟମ, 1955 ର ଧାରା 7 ଅନୁଯାୟୀ ପାରିତ ହୋଇଥିବା ଆକ୍ଷେପିତ ରାୟ ଏବଂ ଦଣ୍ଡାଦେଶ ରଦ୍ଦ କରାଯାଇଛି । ଯେଉଁଥିପାଇଁ, ଆବେଦନକାରୀ ଅତ୍ୟାବଶ୍ୟକ ଦ୍ରବ୍ୟ ଅଧିନିୟମ, 1955 ର ଧାରା 7 ଅନୁଯାୟୀ ଅପରାଧରୁ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି ଏବଂ ଜାମିନନାମାରୁ ବିମୁକ୍ତ ହେବା ପରେ ତୁରନ୍ତ ମୁକ୍ତ ହେବାକୁ ନିର୍ଦ୍ଦେଶ ଦିଆଯାଉଛି ।

*(ଏ. ସି. ବେହେରା),*
*ବିଚାରପତି*

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ
13 ଅକ୍ଟୋବର, 2023// ଉତ୍କଳିକା ନାୟକ//
କନିଷ୍ଠ ଷ୍ଟେନୋଗ୍ରାଫର

HIGH COURT
सत्यमेव जयते
ORISSA

ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

ଅନୁବାଦିକା
ଶିବାନୀ ଦାଶ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ